# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୫୯/୨୫

## ଜିଲ୍ଲା-ଯାଜପୁର

ତା.୨୫.୦୭.୨୦୨୫

**ପାଣିପାଗ ପୂର୍ବାନୁମାନ (ତା.୩୦.୦୭.୨୦୨୫ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକାରୁ ଭାରି ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୧୧-୧୩ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୨-୩୩°C ଏବଂ ୨୬-୨୭° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 26-07-25 | 65 | 32 | 27 | 8 | 91 | 80 | 11 | 244 |
| | 27-07-25 | 15 | 33 | 27 | 6 | 89 | 72 | 12 | 219 |
| | 28-07-25 | 7 | 33 | 26 | 5 | 85 | 62 | 11 | 235 |
| | 29-07-25 | 5.7 | 33 | 26 | 5 | 86 | 67 | 12 | 252 |
| | 30-07-25 | 5.2 | 33 | 26 | 5 | 88 | 68 | 13 | 262 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ➢ ଯେହେତୁ ଆଗାମୀ ଦିନରେ ହାଲୁକାରୁ ଭାରି ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ଚାଷୀମାନେ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ।<br>➢ ବର୍ଷା ଯୋଗୁଁ ଜମିରେ ଅଧିକ ପାଣି ରହିଥିଲେ କିଛି ସମୟ ପାଇଁ ମଞ୍ଜି ବୁଣା କିମ୍ବା ରୋପଣ କାର୍ଯ୍ୟ ବନ୍ଦ କରନ୍ତୁ।<br>➢ ଧାନ ନର୍ସରୀ ଏବଂ ନଳିତା କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।<br>➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରିଫ ଧାନ | ନର୍ସରୀ/ ରୋପଣ | ➢ ବର୍ଷା ପାଇଁ ପାଣି ଜମି ରହିବା ଯୋଗୁଁ ଫସଲ ନଷ୍ଟ ହେବାର ସମ୍ଭାବନା ଅଛି ଏବଂ ତଳିଆ ଜମିରେ ଜଳମଗ୍ନ ପରିସ୍ଥିତି ହେଇପାରେ ,କୃଷକମାନେ ଧାନ ଜମିରେ ନାଳ ଶେଷ ଭାଗ ଖୋଲା ରଖି ନାଳ ସଫା କରି ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ<br>➢ ଜଳସେଚନ, କୀଟନାଶକ ଏବଂ ସାର ପ୍ରୟୋଗ କାର୍ଯ୍ୟ କୁ ସାମୟିକ ବନ୍ଦ ରଖନ୍ତୁ।<br>➢ ବର୍ଷା ଯୋଗୁଁ ଜମିରେ ଅଧିକ ପାଣି ରହିଥିଲେ କିଛି ସମୟ ପାଇଁ ମଞ୍ଜି ବୁଣା କିମ୍ବା ରୋପଣ କାର୍ଯ୍ୟ ବନ୍ଦ କରନ୍ତୁ। |
| ନଳିତା | ତରୁଣୀ ଅବସ୍ଥା | ➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ କରନ୍ତୁ।<br>➢ ବର୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ, ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ। |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ ।<br>➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ କରନ୍ତୁ। |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ବିହନ ବୁଣିନଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।<br>➢ ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ ।<br>➢ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।<br>➢ ଜଳସେଚନ, ଜୀବନାଶକ ଓ ସାର ର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ।<br>➢ ଭାରି ବର୍ଷା କାରଣରୁ ନଇଁ ପଡ଼ିଥିବା ଦୁର୍ବଳ ହେଇଯାଇଥିବା ଗଛ ଗୁଡ଼ିକୁ ବାଡ଼ି କିମ୍ବା ବାଉଁଶ ଦ୍ବାରା ସ୍ଥିରତା ପ୍ରଦାନ କରନ୍ତୁ । |
| ଫଳ | | ❖ ଉଦ୍ଭିଦର ମୂଳରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ | |

| | | |
|---|---|---|
| | | ❖ ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ ।<br>❖ ପ୍ଲାଷ୍ଟିକ ବ୍ୟାଗକୁ କଦଳୀ ଫଳରେ ଘୋଡାନ୍ତୁ |
| ପଶୁପାଳନ | | ❖ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ।<br>❖ ଜରୁରୀ କାଳୀନ ପରିସ୍ଥିତି ରେ ୩ ରୁ ୫ ଦିନ ପାଇଁ ଦାନା ସଂଗ୍ରହ କରି ରଖନ୍ତୁ ଏବଂ ପରିଷ୍କାର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ ।<br>❖ ବର୍ଷା ରୁ ନଷ୍ଟ ନହେବା ପାଇଁ ଘାସ କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital